ଧରିତ୍ରୀ
DHARITRI
ଗୁରୁବାର, ୨୯ ଡିସେମ୍ବର, ୨୦୨୨

### ୨ ସନ୍ତାନର ଜନନୀଙ୍କୁ ନେଇ ଯୁବକ ଫେରାର

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଦୁଇ ସନ୍ତାନର ଜନନୀଙ୍କୁ ଗତ ୨୭ ତାରିଖ ସନ୍ଧ୍ୟାରେ ଜଣେ ଯୁବକ ଜବରଦସ୍ତ ଉଠାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ସନ୍ଧ୍ୟାରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଯୁବକଜଣକ ତାଙ୍କ ସାଙ୍ଗ ସହ ଘରକୁ ଆସି ଦୁଇ ପିଲାଙ୍କୁ ଗୋଟିଏ ଘରେ ଭର୍ତ୍ତି କରି ମହିଳାଙ୍କୁ ଉଠାଇ ନେଇଥିଲେ। ସ୍ୱାମୀ ଘରେ ପହଞ୍ଚିବା ପରେ ପିଲାମାନେ କାନ୍ଦୁଥିବା ଦେଖି ମା' କଥା ପଚାରିବାରୁ ସବୁକଥା ବାପାଙ୍କୁ କହିଥିଲେ। ଏହାଶୁଣି ମହିଳାଙ୍କ ସ୍ୱାମୀ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।



## ଆଜି କ'ଣ କେଉଁଠି

ମୟୂରଭଞ୍ଜ
- ସିବିଆଇ ତଦନ୍ତ ଦାବିରେ ଭଞ୍ଜସେନାର ବିକ୍ଷୋଭ ଓ ଧାରଣା, ସ୍ଥାନ-ବାରିପଦା ଭଞ୍ଜପୁରସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ମାରଣାସ୍ତ୍ର ଦେଖାଇ ଗହଣା ଲୁଟ୍

ରୂପସା/ବସ୍ତା, ୨୮।୧୨(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକର ହଳଦୀପଦା ପଞ୍ଚାୟତ ଗୋବିନ୍ଦା ଗାଁରେ ମଙ୍ଗଳବାର ରାତିରେ ମାରଣାସ୍ତ୍ର ଦେଖାଇ ମୃତ୍ୟୁଞ୍ଜୟ ଜେନାଙ୍କ ଘରୁ ଟଙ୍କା, ମୋବାଇଲ, ସୁନା ଅଳଙ୍କାର ଆଦି ଦୁର୍ବୃତ୍ତମାନେ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ କବାଟ ତାଡି ଘର ଭିତରେ ପଶି ମୃତ୍ୟୁଞ୍ଜୟଙ୍କ ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ୨ ଟି ମୋବାଇଲ, ନଗଦ ୪୦ ହଜାର ଟଙ୍କା, ସୁନାମୁଦି ୬ଟି, ସୁନା ହାର ୨ଟା, ୨ ହଳ ସୁନା ପଲା ଓ କାନଫୁଲ ଆଦି ତାଙ୍କ ଆଲମିରାରୁ ଲୁଟ୍ କରି ଚମ୍ପଟ ମାରିଥିଲେ। ବସ୍ତା ଥାନା ଆଇଆଇସି ବାରିଣୀ ଦାସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଆଜି ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତିବାଦ ରାଲି

କେନ୍ଦୁଝର,୨୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ବିଭିନ୍ନ ବ୍ଲକ୍‌ର ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀମାନେ ଆନ୍ଦୋଳନରେ ଯାଇଥିବାରୁ ପ୍ରାକ ପ୍ରାଥମିକ ପାଠପଢ଼ା ବନ୍ଦ ରହିଛି। ଆନ୍ଦୋଳନ ୩୮ ଦିନରେ ପହଞ୍ଚିଥିବା ବେଳେ ସମାଧାନର ବାଟ ବାହାରି ପାରୁନାହିଁ ଫଳରେ ଜିଲାରେ ସମୁଦାୟ ୩୩୫୨ଟି ଅଙ୍ଗନୱାଡ଼ି କେନ୍ଦ୍ରରୁ ଯୋଡ଼ା ବ୍ଲକ୍‌ରେ ୯୫ ଓ ଘଟିପୁରା ବ୍ଲକ୍‌ର ଗୋଟିଏ କେନ୍ଦ୍ର ଖୋଲାଥିବା ବେଳେ ବାକି ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଝୁଲୁଛି। ଆସନ୍ତା ଗୁରୁବାର ଜିଲାସ୍ତରରେ ଆନ୍ଦୋଳନକୁ ବ୍ୟାପକ କରି ପ୍ରତିବାଦ ରାଲି କରାଯିବ ବୋଲି ସଂଘର ସଭାପତି ମମତାରାଣୀ ବେହେରା କହିଛନ୍ତି।

## ଜମିବାଡ଼ିକୁ କେନ୍ଦ୍ର କରି ରକ୍ତାକ୍ତ ସଂଘର୍ଷ

ଚାନ୍ଦବାଲି, ୨୮।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ଥାନା ଉତ୍ତୁକୁଡା ପଞ୍ଚାୟତର ବୁରୁଜାଲ ଗାଁରେ ଜମିବାଡ଼ିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷର ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଦୋଳଗୋବିନ୍ଦ ବେହେରା ଓ ସନାତନ ବେହେରାଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ିକୁ ନେଇ ବିବାଦ ଥିଲା। ଉଭୟ ଦୁଇଭାଇ ହୋଇଥିବା ବେଳେ ଏହାର ଆପୋଷ ସମାଧାନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସମାଧାନ ପୂର୍ବରୁ ଉଭୟଙ୍କ ଭିତରେ ଗଣ୍ଡଗୋଳ ହୋଇଯାଇଛି। ଚାନ୍ଦବାଲି ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛି। ଉଭୟ ପକ୍ଷରୁ ଥାନାରେ ୨ଟି ଲିଖିତ ଅଭିଯୋଗ ହୋଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର,୨୮।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ଗମ୍ଭାରିଆ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ସମୀର ଟୁଡୁ(୧୯)। ଆହତଙ୍କ ପରିଚୟ ମିଳିପାରିନାହିଁ। ଉଭୟ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ପିଆର୍‌ଏମ୍ ମେଡିକାଲରେ ରୋଗୀ ହନ୍ତସନ୍ତ

### ଘରୋଇ ଚିକିତ୍ସା ପାଇଁ ବାଧ କରାଯାଉଥିବା ଅଭିଯୋଗ

ବାରିପଦା ଅଫିସ,୨୮।୧୨

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍ ) ମେଡିକାଲ କଲେଜ ଓ ଡାକ୍ତରଖାନାରେ ରୋଗୀଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ବାଧ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ବାରମ୍ବାର ଡାକ୍ତରଖାନା ଆସିବା ପରେ ମଧ୍ୟ ବିଭିନ୍ନ ଆଳ ଦେଖାଇ ହଇରାଣ ହରକତ କରାଯାଉଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏନେଇ ଜଣେ ରୋଗୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବାରିପଦା ଉପକଣ୍ଠ ଦାମୋଦରପୁର ଅଞ୍ଚଳର ଯୁବକ ଅମରଜିତ କୁମାର ଚିକିତ୍ସା ଲାଗି ପିଆର୍‌ଏମ୍ ମେଡିକାଲକୁ ଗତ ୧୫ ଫେବୃୟାରୀରେ ଯାଇଥିଲେ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପରେ ଅସ୍ତ୍ରୋପଚାର ପାଇଁ ନଭେମ୍ବର ୧୬ରେ ଆସିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ତାରିଖ ଘୁଞ୍ଚି ୨୬ ଡିସେମ୍ବରରେ କରୋନା ପରୀକ୍ଷା ପୂର୍ବକ ଅସ୍ତ୍ରୋପଚାର କରିବାକୁ ତାରିଖ ଧାର୍ଯ୍ୟ କରାଯାଇଥିଲା। ମାତ୍ର ନିର୍ଦ୍ଧାରିତ ତାରିଖରେ ଆସିବାରୁ ସର୍ଜରୀ ଡାକ୍ତର ନ ଥିବା କହି ପୁନଶ୍ଚ ୨୮ତାରିଖରେ ଆସିବାକୁ କୁହାଯାଇଥିଲା। ୨୮ତାରିଖରେ ଡାକ୍ତର ଜଣକ ବିଭିନ୍ନ ଆଳ ଦେଖାଇ ପାଟିତୁଣ୍ଡ କରିଥିଲେ। ଏହା ସହିତ ଛୋଟିଆ ଅସ୍ତ୍ରୋପଚାରକୁ ସରକାରୀ ଡାକ୍ତରଖାନାରେ କରିବାକୁ ଅପେକ୍ଷା ନ କରି ପ୍ରାଇଭେଟ ଡାକ୍ତରଖାନାରେ କରିବାକୁ କହିଥିଲେ। ଏହା ଶୁଣି ଅମରଜିତ ବିରୋଧ କରିବାରୁ କର୍ମଚାରୀମାନେ ତାଙ୍କୁ ବାହାରି ଯିବାକୁ କହିଥିଲେ। ଏନେଇ ସେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ରୋଗୀଙ୍କୁ ମାଗଣାରେ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିବା ବେଳେ ଡାକ୍ତରମାନଙ୍କ ଘରୋଇ ହସ୍ପିଟାଲ ପ୍ରୀତିକୁ ନେଇ ରୋଗୀ ଓ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ସରକାରଙ୍କ ଜନହିତକର ଯୋଜନାଗୁଡ଼ିକର ସଫଳ ରୂପାୟନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରତିଭା ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ବିଭାଗର ମୁଖ୍ୟ(ଏଚ୍‌ଓଡି)ଙ୍କୁ କାରଣ ଦର୍ଶାଇବା ପାଇଁ ପତ୍ର କରାଯାଇଛି ଓ ରିପୋର୍ଟଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।


ଚିକିତ୍ସାରୁ ବଞ୍ଚିତ ହୋଇଥିବା ରୋଗୀ ଓ ସମ୍ପର୍କୀୟ।

# ୫ବର୍ଷ ବଦଳରେ ଅଢ଼େଇ ବର୍ଷରେ ରେଞ୍ଜର ହେବେ ଏସିଏଫ୍

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ଏବେ ବନ ବିଭାଗରେ କାର୍ଯ୍ୟରତ ରେଞ୍ଜରମାନଙ୍କୁ ୫ବର୍ଷ ବଦଳରେ ଅଢ଼େଇ ବର୍ଷ ଚାକିରି କରିବା ପରେ ଏସିଏଫ୍ ର୍‍ୟାଙ୍କ୍‌କୁ ପଦୋନ୍ନତି ମିଳିପାରିବ। ରେଞ୍ଜରଙ୍କ ପଦୋନ୍ନତି ସମୟ ସୀମା ହ୍ରାସ କରିବାକୁ ଗତ ୧୩ତାରିଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଚିଠି ନମ୍ବର ୨୨୧୯୦ରେ ବିଭାଗୀୟ ଅତିରିକ୍ତ ସଚିବ ଉଷାରାଣୀ ଦାସ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ସେକ୍ରେଟାରୀଙ୍କୁ ଅନୁରୋଧ କରିଥିଲେ। ବିଶେଷକରି ଏହି ପରିବର୍ତ୍ତନ ଗୋଟିଏ ବର୍ଷ ପାଇଁ କରିବାକୁ କୁହାଯାଇଥିଲା। ଉକ୍ତ ଅନୁରୋଧକୁ ଗତ ୨୬ତାରିଖରେ ଓପିଏସ୍‌ସି ପକ୍ଷରୁ ଅନୁମୋଦନ କରାଯିବା ସହ ପତ୍ର ସଂଖ୍ୟା ୧୧୫୫୬/୨୬।୧୨।୨୨ରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ଜଣାଇ ଦିଆଯାଇଛି। ତେବେ ରାଜ୍ୟରେ ବନ୍ୟପ୍ରାଣୀ-ମଣିଷ ଦ୍ୱନ୍ଦ୍ୱ, ହାତୀ ଶିକାର, ବାଘ ଶିକାର, ହାତୀଙ୍କୁ ମାରି ପ୍ରମାଣ ନଷ୍ଟ ଉଦ୍ୟମ ଆଦି ଘଟଣାରେ ବନ କର୍ମଚାରୀ ସମ୍ପୃକ୍ତ ହେବା ଘଟଣା ଦିନକୁ ଦିନ ବଢୁଥିବାବେଳେ ଏଥିରେ ବନ ବିଭାଗର କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଛି। ଏପରି କି ୨୦୨୨ ବର୍ଷ ହାତୀ ବଂଶ ପାଇଁ ଖରାପ ବର୍ଷ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏଭଳି ସ୍ଥିତିରେ ବନ ବିଭାଗରେ ରେଞ୍ଜରମାନଙ୍କ ପଦୋନ୍ନତି ସମୟ ସୀମାକୁ ହ୍ରାସ କରାଯିବା ଘଟଣା ପରିବେଶବିତ୍ ମହଲରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଖଇରା ବ୍ଲକରେ ଖୋଲିଲା ୭ ଧାନମଣ୍ଡି

ଖଇରା, ୨୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ୭ ସେବା ସମବାୟ ସମିତିରେ ବୁଧବାରଠାରୁ ଧାନ କିଣା ଆରମ୍ଭ ହୋଇଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ (ବିବିସିସିବି) ସଭାପତି ଗଣେଶ ମହାପାତ୍ର ଓ ସହକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀ, ବିବିସିସିବି ଖଇରା ଶାଖାର ପରିଚାଳକ ଯଦୁନାଥ ସବିଶିଷ୍ଟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରଗୁଡିକର ଉଦ୍‌ଘାଟନ କରିଥିଲେ । ପ୍ରଥମେ ଢୁଙ୍ଗୁରା ସେବା ସମବାୟ ସମିତି ସମ୍ପାଦକ ବିଭୂତି ଭୂଷଣ ରାଉତ, ବୋର୍ଡ ସଭାପତି ଶତ୍ରୁଘ୍ନ ମହାନ୍ତିଙ୍କ ଉପସ୍ଥିତିରେ ଧାନ କିଣା ଆରମ୍ଭ ହୋଇଥିଲା। ଗୋଳିହା ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବୋର୍ଡ ସଭାପତି ରମେଶ ଚନ୍ଦ୍ର ଘଡାଇ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଖଇରା ଧାନମଣ୍ଡି ଉଦ୍‌ଘାଟନରେ ବୋର୍ଡ ସଭାପତି ସୌମ୍ୟରଞ୍ଜନ ନାୟକ, ସମ୍ପାଦକ ଶ୍ରୀକାନ୍ତ ପଲେଇ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ, ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବିନ୍ଦପୁର ମଣ୍ଡି ଉଦ୍‌ଘାଟନରେ ବୋର୍ଡ ସଭାପତି ରବୀନ୍ଦ୍ର କୁମାର ବେହେରା, ସମ୍ପାଦକ ପ୍ରଫୁଲ୍ଲ କୁମାର ଖଣ୍ଡା, ଯୁବନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମିର୍ଜାପୁର ସମିତିରେ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟନରେ ସଭାପତି ସନ୍ତୋଷ କୁମାର ନାୟକ, ସମ୍ପାଦକ ଦେବାଶିଷ ପାଢୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗଗନଧୂଳି ଧାନକ୍ରୟ କେନ୍ଦ୍ର ଉଦଘାଟନରେ ବୋର୍ଡ ସଭାପତି ହରେକୃଷ୍ଣ ଶତପଥୀ, ସମ୍ପାଦକ ଗଗନ ବିହାରୀ ଜେନା, ସମିତିସଭ୍ୟ ରମାକାନ୍ତ ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କୁରୁଣ୍ଟା ପଞ୍ଚାୟତରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପୌରୋହିତ୍ୟ କରିଥିଲେ। ବିଧାୟକ ପାଣିଗ୍ରାହୀ ଚାଷୀଙ୍କର କିଛି ଅଭିଯୋଗ ଉପରେ ବକ୍ତବ୍ୟ ରଖି ଧାର୍ଯ୍ୟଦିବସର ଧାନ କିଣା ସମୟରେ ସେ ନିଜେ ଉପସ୍ଥିତ ରହି ତଦାରଖ କରିବେ ବୋଲି କହିଥିଲେ। ସମ୍ପାଦକ ଶରତ କୁମାର ପଣ୍ଡା ଆବାହକତ୍ୱରେ ଆୟୋଜିତ ସଭାରେ ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ସମିତିସଭ୍ୟା ଦମୟନ୍ତୀ ସିଂ ଉପସ୍ଥିତ ଥିଲେ।


ମିର୍ଜାପୁର ସେବା ସମବାୟ ସମିତି ଧାନକ୍ରୟ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଦିନ ଦ୍ୱିପ୍ରହରେ ଲକ୍ଷାଧିକ ଝାମ୍ପିନେଲେ

ପାଟଣା,୨୮।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଧାନ ବେଣୀରାସ୍ତାରେ ବୁଧବାର ଦୁର୍ବୃତ୍ତ ଜଣେ ବାଇକ୍ ଆରୋହୀଙ୍କଠାରୁ ଲକ୍ଷାଧିକ ଟଙ୍କା ଝାମ୍ପି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଘଟଗାଁ ଥାନା ଧୋବା ପିଟଣା ଗ୍ରାମର ଅନୀଲ ପଲେଇ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅନୀଲ ପାଟଣା ମୁଖ୍ୟାଳୟସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପାଟଣା ଶାଖାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଉଠାଇଥିଲେ। ବାଇକ ଯୋଗେ ବାପାଙ୍କ ସହ ଶିବନାରାୟଣପୁର ରାସ୍ତା ପାର୍ଶ୍ୱରେ ଥିବା ଷ୍ଟିଲ୍ ଓ ସିମେଣ୍ଟ ଦୋକାନକୁ ବାକି ଟଙ୍କା ଦେବାକୁ ଯାଉଥିଲେ। ସେ ସମୟରେ ପଛରୁ ଦୁଇ ଦୁର୍ବୃତ୍ତ ଏକ ଟିଭିଏସ ଆପାଚେରେ ଆସି ପଛରେ ବସିଥିବା ଅନୀଲଙ୍କ ବାପାଙ୍କ ହାତରୁ ଟଙ୍କା ଭର୍ତ୍ତି ପଲିଥିନକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ପାଟଣା ପୋଲିସ ନଂ. ୨୭୦/୨୨ ରେ ଏକ ମାମଲା ରୁଜୁ କରିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି ଫୁଟେଜ ଆଧାରରେ ତଦନ୍ତ କରୁଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ଅଙ୍ଗନୱାଡି କର୍ମୀ,ସହାୟିକାଙ୍କ ଶୋଭାଯାତ୍ରା


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ।

ଭଦ୍ରକ ଅଫିସ,୨୮।୧୨

ଅଲ୍ ଓଡ଼ିଶା ଲେଡିଜ ଅଙ୍ଗନୱାଡି ୱାର୍କରସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପ୍ରତିବାଦ କରାଯାଇଛି। ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଏକ ବିଶାଳ ଶୋଭାଯାତ୍ରାରେ ଗାନ୍ଧୀପଡ଼ିଆଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଯଦି ତାଙ୍କର ନାର୍ଯ୍ୟ ଦାବି ପୂରଣ ନ ହୁଏ ଏହି ଆନ୍ଦୋଳନକୁ ଜୋରଦାର ହେବ ବୋଲି ସଂଘର କର୍ମକର୍ତ୍ତାମାନେ ବକ୍ତବ୍ୟରେ କହିଥିଲେ। ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, କର୍ମୀମାନଙ୍କୁ ୧୮ହଜାର ଓ ସହାୟିକାମାନଙ୍କୁ ୯ହଜାର ଟଙ୍କା ସହିତ ଇପିଏଫ୍, ଇଏସ୍ଆଇରେ ସାମିଲ କରାଯିବା, ମିନି ଅଙ୍ଗନୱାଡି ଉଚ୍ଛେଦ କରି ମିନି ଅଙ୍ଗନୱାଡ଼ି କର୍ମୀମାନଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ଦେବା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦେବା ଆଦି ଏକ ଦାବି ସମ୍ବଳିତ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସଂଘର କର୍ମକର୍ତ୍ତା ମନୋଜ ବସନ୍ତରାୟଙ୍କ ସଭାପତିତ୍ୱରେ ସଂଘର ସଭାପତି ଜାନକୀ ଦାସଙ୍କ ସମେତ କର୍ମକର୍ତ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରତିବାଦକୁ ସମର୍ଥନ ଜଣାଇ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମାଳଦାଠାରେ ଧାନମଣ୍ଡି ଖୋଲିଲା

ଭଣ୍ଡାରିପୋଖରୀ ,୨୮।୧୨(ସ୍ୱ.ପ୍ର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନ ମାଳଦା ସମବାୟ ସମିତିରେ ବୁଧବାର ପ୍ରଥମ ଧାନମଣ୍ଡି ଖୋଲିଛି। ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ପ୍ରଶାନ୍ତିକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଜିଲାପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମାୟ ବିଭାଗ ଉପସହକାରୀ ନିବନ୍ଧକ ବସନ୍ତ ରଣା, ବରିଷ୍ଠ ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ପରିଚାଳନା କମିଟି ବରିଷ୍ଠ ସଦସ୍ୟ ତଥା ପ୍ରାକ୍ତନ ସମିତି ସଭାପତି ନୃସିଂହ ଚରଣ ଖିଲାର, ସରପଞ୍ଚ ମିନତୀ ପରିଡ଼ା, ପରମାନନ୍ଦ ନାୟକ, ପ୍ରତ୍ୟୁଷ ସାମଲ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସୁବାଶଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରହଣିଆ ସମିତିଠାରେ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଭାପତି ସାଗର ଲେଙ୍କାଙ୍କ ସମେତ ସମ୍ପାଦକ ସନ୍ତୋଷ ଦାସ, ପରିଚାଳନା କମିଟି ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ କୋରିଗାଠାରେ ମା' ଦୁର୍ଗା ଏସ୍‌ଏଚଜି ପକ୍ଷରୁ ଧାନକ୍ରୟ ହୋଇଥିଲା। ସରପଞ୍ଚ ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସଂଯୋଜନାରେ ବିଡିଓ, ଉପାଧ୍ୟକ୍ଷ, ଜିଲାପରିଷଦ ସଭ୍ୟଙ୍କ ସମେତ ବରିଷ୍ଠ ନାଗରିକ ଦେବେନ୍ଦ୍ରନାଥ ଧଳ, ଦିବାକର ଜେନା, ନରନାରାୟଣ ଜେନା, ଦେବୀ ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜସନେ ଗୌସ-ଇ ଆଜାମ ସମ୍ମିଳନୀ


ସମ୍ମିଳନୀରେ ମଞ୍ଚାସୀନ ଧର୍ମଗୁରୁ।

ରୂପସା, ୨୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଲଛମନଖୁଣ୍ଟା ଗ୍ରାମରେ ମଙ୍ଗଳବାର ପୀରବାବାଙ୍କ ଜସନେ ଗୌସ-ଇ ଆଜାମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଳ୍ପପତି ତଥା ଯୁବ ସମାଜସେବୀ ଅବଦୁଲ ଅମିନ ଖାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜର୍ମାନରୁ ସେକ ଆସରାଫ ଆଫନ୍ଦୀ ଓ ମୁଖ୍ୟବକ୍ତା ଭାବେ ଦିଲ୍ଲୀରୁ ସୟଦ ଜାଭେଦ ନକ୍ସ ବନ୍ଦୀ ଯୋଗଦେଇ ତକରିର ଓ ଧର୍ମବାଣୀ ଶୁଣାଇଥିଲେ। ସମ୍ମାନନୀୟ ଅତିଥି ଭାବେ ଆରବରୁ ସୟଦ ଉମାସକ୍ଷ, ତୁର୍କୀରୁ ହାଜୀ ଫାରୁକ, ଦିଲ୍ଲୀରୁ ୱାସିବ ଅଲ୍ଲୀ, ଆମଝେରରୁ ସରଫୁଦ୍ଦିନ ନାୟର କାଦ୍ରୀ, ଓଡ଼ିଶାରୁ ସୟଦ ଇର୍ସାଦ ଅର୍ଜ୍ଜୁ, ଭଦ୍ରକରୁ ଗୁଲଫାମ, ସେହବାଜ, ବାଲେଶ୍ୱରରୁ ନାସିମ ଅହେମ୍ମଦ ଏବଂ ଏମ୍ ଗୋଲାମ ହାଇଦର ପ୍ରମୁଖ ମଞ୍ଚାସୀନ ହୋଇ ନାତସରିଫ, କବିତା ପାଠ, କୋରାନ ପାଠ ସାଙ୍ଗକୁ ପ୍ରବଚନ ଶୁଣାଇ ଥିଲେ। ଯୁବ ଉଦ୍ୟୋଗୀ ସଲିମ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ମୋରଡ଼ା,୨୮।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ହଳଦୀପାଳ ପଞ୍ଚାୟତର ପବ୍ଲିକ ସ୍କୁଲ ପାଖ ପଡ଼ିଆ ଏବଂ ଅସ୍ତିଆ ଖେଳ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଉକ୍ତ ଟୁର୍ନାମେଣ୍ଟ ଚାଲିବାକୁ ଥିବା ବେଳେ ମୋରଡ଼ା ବ୍ଲକର ସମସ୍ତ ୨୦ଟି ପଞ୍ଚାୟତର ଫୁଟବଲ ଟିମ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ପଞ୍ଚାୟତର ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ୍‌ଗୁଡ଼ିକ ଖେଳରେ ଭାଗ ନେଇଛନ୍ତି। ବିଡିଓ ସାଗର ପାଲୋଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟକୁ ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ ଉଦ୍‌ଘାଟନ କରିଥିଲେ। ଜିପିଓ ସୁଶାନ୍ତ କୁମାର ରାଉଳ ଏହାକୁ ପରିଚାଳନା କରୁଛନ୍ତି। ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଟୁର୍ନାମେଣ୍ଟରୁ ଶ୍ରେଷ୍ଠ ଖେଳାଳି ଚୟନ ପରେ ସେମାନେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# 'ଯାନ୍ତ୍ରିକ ଖଣି ରୋଜଗାର ସମସ୍ୟା ବଢ଼ାଉଛି'

### ଖଣି ପ୍ରଭାବିତ ଅଞ୍ଚଳରେ ଓମ୍ବାଡିସି ଓଭରସାଇଟ୍ ଅଥରିଟି
### ଚମ୍ପୁଆ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ ନିର୍ଦ୍ଦେଶ

କେନ୍ଦୁଝର/ଯୋଡ଼ା/ଚମ୍ପୁଆ,୨୮।୧୨ (ଡି.ଏନ.ଏ/ସ୍ୱ.ପ୍ର)

ଓଡ଼ିଶା ମିନେରାଲ ବିୟରିଂ ଏରିଆସ ଡେଭେଲପମେଣ୍ଟ କର୍ପୋରେସନ (ଓମ୍ବାଡିସି)ର ଓଭରସାଇଟ୍ ଅଥରିଟି ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.କେ ପଟ୍ଟନାୟକ ୩ ଦିନିଆ କେନ୍ଦୁଝର ଗସ୍ତରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସଦର, ଚମ୍ପୁଆ ବ୍ଲକ୍, ଏନ୍‌ଏସି, ଯୋଡ଼ା ବ୍ଲକ ଓ ଝୁମ୍ପୁରା ବ୍ଲକ୍‌ରେ ଓମ୍ବାଡିସି ଅର୍ଥରେ ନିର୍ମାଣ ହୋଇଥିବା ଓ ନିର୍ମାଣଧୀନ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବୁଲି ଦେଖିଥିଲେ। ଖଣିରେ ଯନ୍ତ୍ରପାତି ବ୍ୟବହାର କାରଣରୁ ଲୋକେ ରୋଜଗାର ହରାଉଛନ୍ତି। ତେଣୁ ବିଭିନ୍ନ ପ୍ରକଳ୍ପ ଜରିଆରେ ଲୋକଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହ ବିଭିନ୍ନ ଅଧିକାରୀ, ସାଧାରଣ ଲୋକଙ୍କ ସହ ଆଲୋଚନା କରିଛନ୍ତି।

ଜଷ୍ଟିସ ଅନଙ୍ଗ ପଟ୍ଟନାୟକ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସଦର ବ୍ଲକ୍ ଅନ୍ତର୍ଗତ ସାନଆମୁଣି ଗାଁରେ ଛତୁ ଚାଷ ୟୁନିଟ୍ ବୁଲି ଦେଖିଥିଲେ। ଏହି ଜୀବିକା ଓ ବଜାର ବ୍ୟବସ୍ଥା ଦ୍ୱାରା କିପରି ସେମାନଙ୍କର ଆୟ ବୃଦ୍ଧି ପାଉଛି ତାହା ଅନୁଧ୍ୟାନ କରିଥିଲେ। ପରେ ଚମ୍ପୁଆ ଏନ୍‌ଏସିରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉନ୍ନତିକରଣ କାର୍ଯ୍ୟ ପରିଦର୍ଶନ କରି ଏନ୍‌ଏସିର ଜନସଂଖ୍ୟା, ୱାର୍ଡ ସଂଖ୍ୟା, ଗ୍ରାହକ ସଂଖ୍ୟା, ପ୍ରକଳ୍ପ ଚିତ୍ର ସାରଣୀ ଓ ଏହାର କାର୍ଯ୍ୟକାରିତା ସମ୍ବନ୍ଧରେ ପଚାରି ବୁଝିଥିଲେ। ପାନୀୟ ଜଳ ସଂଯୋଗ ଏବଂ ୨୪ ଘଣ୍ଟିଆ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିବା ଯନ୍ତ୍ରୀ ହୃଷିକେଶ ମହାନ୍ତ ସୂଚନା ଦେଇଛନ୍ତି। ପରେ ଚମ୍ପୁଆ ବ୍ଲକ୍ ବାସୁଦେବପୁର ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କାମ ଦେଖିବା ସହ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଯୋଡ଼ା ବ୍ଲକ୍ ଅନ୍ତର୍ଗତ ସିଆଳିଯୋଡ଼ା ଚେକ୍‌ଡ୍ୟାମ ବୁଲି ଦେଖିବା ସହ ଏହା ଦ୍ୱାରା କୃଷି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଯୋଡ଼ା ବ୍ଲକ୍‌ର ସରକାରୀ ଆଦିବାସୀ ବାଳିକା ଆଶ୍ରମ ସ୍କୁଲ୍, ଦେଓଝରସ୍ଥିତ ଓମ୍ବାଡିସି ଜରିଆରେ ପ୍ରୋତ୍ସାହିତ କରାଯାଇଥିବା ଜୟ ମା' ଗୁରୁ କୃଷକ କ୍ଲବ୍, ସିଆଳିଯୋଡ଼ା କୃଷି କ୍ଷେତ୍ର ପରିଦର୍ଶନ କରିଥିଲେ। ଜଷ୍ଟିସ ପଟ୍ଟନାୟକ କହିଥିଲେ, ଯାନ୍ତ୍ରିକ ଖଣି ଯୋଗୁ ଅଞ୍ଚଳରେ ରୋଜଗାର ସମସ୍ୟା ବଢୁଛି। ଏଣୁ ଖଣି ପ୍ରଭାବିତ ଅଞ୍ଚଳରେ ଓମ୍ବାଡିସି ପ୍ରକଳ୍ପମାନ କରାଯାଇ ଆଦିବାସୀମାନଙ୍କର ଜୀବନ ଜୀବିକାକୁ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କୁ କହିଥିଲେ। ମୁଖ୍ୟାଳୟ ଫେରିବା ବାଟରେ ଝୁମ୍ପୁରା ବ୍ଲକ୍ ସାରୁପଟଳା ଗ୍ରାମରେ ଛେଳି ପାଳନ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରି ବିଭାଗ ଦ୍ୱାରା ମିଳୁଥିବା ସହାୟତା ସମୀକ୍ଷା କରିଥିଲେ। ପ୍ରକଳ୍ପର ଭବିଷ୍ୟତ ଏବଂ ଲକ୍ଷ୍ୟ ବିଷୟରେ ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିଥିଲେ। ଗସ୍ତ ସମୟରେ ଓମ୍ବାଡିସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜି.ରାଜେଶ, ଅଫିସିଆଲ ଅନ ସ୍ପେଶାଲ ଡ୍ୟୁଟି ସେଖ୍ ନୟିମୁଦ୍ଦିନ ଏବଂ ଦିପାୟନ ପଟ୍ଟନାୟକ, ଓମ୍ବାଡିସି ସାଧାରଣ ପରିଚାଳକ(ପ୍ରଶାସନ) ସୁଧାକର ବର୍ମା, ସାଧାରଣ ପରିଚାଳକ(ଅପରେସନ) ଜୟନ୍ତ ଦାସ, କନସଲଟାଣ୍ଟ ପାର୍ଥସାରଥି ମହାନ୍ତି, ଟିମ୍ ଲିଡର ଅମ୍ବୁଜ ପ୍ରସାଦ ଯାଇଥିବାବେଳେ ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।


ଓମ୍ବାଡିସି ମୁଖ୍ୟ ଜଷ୍ଟିସ ଅନଙ୍ଗ ପଟ୍ଟନାୟକ, ଜିଲାପାଳ ଆଶିଷ୍ ଠାକ୍‌ରେ ଓ ଅନ୍ୟମାନେ।

